# NATIONAL NEWS BULLETIN (ODIA)

## 27 November - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ଆଜିଠୁ ୪ ଦିନିଆ ତାମିଲନାଡୁ ଗସ୍ତ ।
- ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ କରିବାରେ ସମବାୟ ମନ୍ତ୍ରଣାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ, କହିଲେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ।
- ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟ ଦାନ ଏବଂ ଗଣତିରେ ଅସମାନତା ଅଭିଯୋଗ ସଂକ୍ରାନ୍ତ ରିପୋର୍ଟକୁ ଖଣ୍ଡନ କଲେ ନିର୍ବାଚନ ଆୟୋଗ ।
- ହିଜ୍‌ବୁଲ୍ଲା ସହ ଅସ୍ତ୍ରବିରତି ଚୁକ୍ତିକୁ ଇସ୍ରାଏଲ୍‌ର ଅନୁମୋଦନ ।

ଏବଂ

- କୁସ୍ତି ଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ୪ ବର୍ଷ ପାଇଁ ନିଲମ୍ବନ କଲା ଜାତୀୟ ଡୋପିଂ ନିରୋଧୀ ଏଜେନ୍ସି ।

## ପ୍ରେଜ୍-ତାମିଲନାଡୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଚାରିଦିନିଆ ତାମିଲନାଡୁ ଗସ୍ତରେ ଯିବେ । ୱେଲିଂଟନ୍ ସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜ୍‌ର ଅଧ୍ୟାପକ ଏବଂ ଶିକ୍ଷାର୍ଥୀଙ୍କୁ ଆଜି ସମ୍ବୋଧନ କରିବେ । ଉଦୟଗିରି ସ୍ଥିତ ରାଜଭବନରେ ନୀଳଗିରି ଜିଲ୍ଲାର ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଆସନ୍ତାକାଲି ରାଷ୍ଟ୍ରପତି ଆଲୋଚନାର କରିବାର କାର୍ଯ୍ୟସୂଚୀ ରହିଛି । ଥିରୁଭାରୁର୍ ସ୍ଥିତ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଆସନ୍ତା ଶୁକ୍ରବାର ଦିନ ରାଷ୍ଟ୍ରପତି ଯୋଗଦେବେ ।

## ଅମିତ ଶାହା

୨୦୨୭ ସୁଦ୍ଧା ଭାରତକୁ ବିଶ୍ୱର ତୃତୀୟ ବୃହତମ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ କରିବାରେ ସମବାୟ ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଜାତୀୟ ରାଜ୍ୟ ସମବାୟ ବ୍ୟାଙ୍କ୍ ମହାସଂଘ ଲିମିଟେଡ୍‌ର ହୀରକ ଜୟନ୍ତୀ ସମାରୋହକୁ ସମ୍ବୋଧନ କରି ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଏହା କହିଛନ୍ତି । ସେ କହିଛନ୍ତି, ଦେଶରେ ପ୍ରତ୍ୟେକ ନାଗରିକଙ୍କୁ  ସାମିଲ କରି ସରକାର ବିକାଶର ପଥରେ ଆଗେଇବାକୁ ପ୍ରୟାସ ଜାରି ରଖିଛନ୍ତି । ପ୍ରାଥମିକ କୃଷି ସମବାୟ କ୍ରେଡିଟ୍ ସୋସାଇଟି

ପାକ୍ସ, ଜିଲ୍ଲା ସମବାୟ ବ୍ୟାଙ୍କ୍ ଏବଂ ରାଜ୍ୟ ସମବାୟ ବ୍ୟାଙ୍କ ଭଳି ତ୍ରିସ୍ତରୀୟ ଢାଞ୍ଚା ଦେଶର କୃଷକ ଏବଂ ଗ୍ରାମୀଣ ପ୍ରଗତିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ସବୁ ପାକ୍ସ ଅନୁଷ୍ଠାନ ଗୁଡ଼ିକୁ କମ୍ପ୍ୟୁଟରିକରଣ କରାଯାଇଛି । ସମବାୟ କ୍ଷେତ୍ରରେ ବିଶ୍ୱକୁ ମାର୍ଗଦର୍ଶନ କରିବା ପାଇଁ ଭାରତ ସମର୍ଥ ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ସମବାୟର ବିଭିନ୍ନ କ୍ଷେତ୍ରରେ ଭାରତୀୟ ବ୍ରାଣ୍ଡ୍ ବିଶ୍ୱସ୍ତରରେ ସ୍ୱୀକୃତି ଲାଭ ପାଇଁ ଅଗ୍ରସର ହେଉଛି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

## ପିଏମ୍-ଡିଜିପି ସମ୍ମିଳନୀ

ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତା ଶୁକ୍ରବାର ଭୁବନେଶ୍ୱର ପହଞ୍ଚିବେ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ଏକ ରୋଡ୍ ଶୋ'ରେ ଭାଗ ନେବା ସହିତ ଏକ ସାଧାରଣ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

# ଅନ୍ନପୂର୍ଣ୍ଣାଦେବୀ-ବାଲ ବିବାହ

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ନୂଆଦିଲ୍ଲୀରେ 'ବାଲ୍ ବିବାହ ମୁକ୍ତ ଭାରତ' ଶୀର୍ଷକ ଏକ ଜାତୀୟ ଅଭିଯାନର ଶୁଭାରମ୍ଭ କରିବେ । ଦେଶକୁ ବାଲ୍ୟ ବିବାହ ମୁକ୍ତ ରାଷ୍ଟ୍ରରେ ପରିଣତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ଅବସରରେ ବାଲ୍ୟ ବିବାହ ମୁକ୍ତ ଭାରତ ପୋର୍ଟାଲ୍‌ରେ ସେ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି । ବାଲ୍ୟବିବାହକୁ ରୋକିବା ପାଇଁ ସଚେତନତା ବୃଦ୍ଧି ଏବଂ ପ୍ରଭାଶାଳୀ ପଦକ୍ଷେପ ଲକ୍ଷ୍ୟରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

# ମହାରାଷ୍ଟ୍ର

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟ ଦାନ ଏବଂ ଗଣତିରେ ଅସମାନତା ଅଭିଯୋଗ ସଂକ୍ରାନ୍ତ ଏକ ରିପୋର୍ଟକୁ ନିର୍ବାଚନ ଆୟୋଗ ଖଣ୍ଡନ କରିଛନ୍ତି । ଏକ ଅନ୍‌ଲାଇନ୍ ନ୍ୟୁଜ୍ ପୋର୍ଟାଲ୍‌ର ଏଭଳି ରିପୋର୍ଟକୁ ଆୟୋଗ ବିଭ୍ରାନ୍ତିକର, ଭୁଲ ଏବଂ ତଥ୍ୟ ଆଧାରିତ ନୁହଁ ବୋଲି କହିଛନ୍ତି । ପୋର୍ଟାଲ୍‌ର ସମ୍ପାଦକଙ୍କୁ ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ଚିଠି ମାଧ୍ୟମରେ ଏ ବିଷୟ ଉଲ୍ଲେଖ କରିଛନ୍ତି । ୫ ଲକ୍ଷରୁ ଅଧିକ ଭୋଟ୍

ଅସମାନତା ଅଭିଯୋଗ ଦୁର୍ଭାଗ୍ୟଜନକ, ବିଭ୍ରାନ୍ତିକର ଏବଂ ଉଦ୍ଦେଶ୍ୟ ମୂଳକ ବୋଲି ନିର୍ବାଚନ ଅଧିକାରୀ ଜଣାଇଛନ୍ତି ।

## ଏସ୍‌ସି-ଇଭିଏମ୍

ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଇ.ଭି.ଏମ୍. ବଦଳରେ ବାଲଟ ପେପର ପ୍ରଚଳନ କରିବା ସଂକ୍ରାନ୍ତ ଜନସ୍ୱାର୍ଥ ମାମଲାକୁ ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଛନ୍ତି । ବିଚାରପତି ଜଷ୍ଟିସ୍ ବିକ୍ରମନାଥ ଏବଂ ଜଷ୍ଟିସ୍ ପି.ବି. ଭାରାଲେଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିଷ୍ପତ୍ତି ଶୁଣାଇଛନ୍ତି । ଇ.ଭି.ଏମ୍. ବଦଳରେ ବାଲଟ ପେପର କାର୍ଯ୍ୟକାରି କରିବାକୁ ନିର୍ବାଚନ କମିଶନ୍‌କୁ ନିର୍ଦ୍ଦେଶ ଦେବା ପାଇଁ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା ।

ସୂଚନା ଯୋଗ୍ୟ ପୂର୍ବରୁ ମାର୍ଚ୍ଚ ମାସରେ ଲୋକସଭା ନିର୍ବାଚନ, ବାଲଟ ପେପର ମାଧମରେ କରିବାକୁ ନିର୍ଦ୍ଦେଶ ଦେବା ସଂକ୍ରାନ୍ତ ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମ୍‌କୋର୍ଟ ଗ୍ରହଣ କରିନଥିଲେ ।

# ମଣିପୁର

ମଣିପୁରରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ୍ ଗୁଡ଼ିକୁ ପୂର୍ବ ଭଳି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟ ସମେତ ସବୁ ସ୍କୁଲ୍ ଗୁଡ଼ିକୁ ଆଜିଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଅନ୍ୟ ପକ୍ଷରେ କର୍ଫ୍ୟୁ ବଳବତ୍ତର ରହିଥିବା ଜିଲ୍ଲାରେ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଆଜିଠାରୁ ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ପୂର୍ବ ଭଳି ବନ୍ଦ ରହିବ ବୋଲି ରାଜ୍ୟ ଉଚ୍ଚ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ସାମ୍ପ୍ରତିକ ହିଂସାକାଣ୍ଡରେ ମଣିପୁରର ଜିରିବାମ୍ ଜିଲ୍ଲାରେ ୬ ଜଣଙ୍କର ମୃତ୍ୟୁ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ପରିପ୍ରେକ୍ଷୀରେ ଗତ ୧୬ ତାରିଖରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି ।

# ଇସ୍ରାଏଲ୍-ହିଜ୍‌ବୁଲ୍ଲା

ଲେବାନନ୍‌ର ହିଜବୁଲ୍ଲା ସହ ଅସ୍ତ୍ରବିରତି ଚୁକ୍ତିକୁ ଇସ୍ରାଏଲ୍ ଅନୁମୋଦନ କରିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତକାଲି ଏହି ସୂଚନା ଦିଆଯାଇଛି । ଆମେରିକା ଓ

ଫ୍ରାନ୍ସ ସହଯୋଗରେ ଏହି ଅସ୍ତ୍ରବିରତି ଚୁକ୍ତି ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଗତ ବର୍ଷକ ମଧ୍ୟରେ ଏହି ସଂଘର୍ଷରେ ଲେବାନନ୍‌ରେ ପ୍ରାୟ ୩ ହଜାର ୮୦୦ ଲୋକ ପ୍ରାଣ ହରାଇବା ସହ ୧୬ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି । ଇସ୍ରାଏଲ୍‌ର ସୁରକ୍ଷା କ୍ୟାବିନେଟ୍‌ର ଅନୁମୋଦନ ପରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଏବଂ ତାଙ୍କର ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍ ଏକ ମିଳିତ ବିବୃତ୍ତି ଜାରି କରି ଅସ୍ତ୍ରବିରତି ଚୁକ୍ତିକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଚୁକ୍ତି ଅନୁଯାୟୀ ଇସ୍ରାଏଲ୍ ଓ ହିଜ୍‌ବୁଲ୍ଲା ଉଭୟ ପକ୍ଷରୁ ୬୦ ଦିନ ମଧ୍ୟରେ ଦକ୍ଷିଣ ଲେବାନନ୍‌ରୁ ପ୍ରତ୍ୟାହୃତ ହେବେ । ଲେବାନନ୍‌ର ବୈଦେଶିକ ମନ୍ତ୍ରୀ ଏହି ଚୁକ୍ତିକୁ ସମର୍ଥନ କରିଛନ୍ତି ।

ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି, ହିଜ୍‌ବୁଲ୍ଲା ଚୁକ୍ତି ଉଲ୍ଲଙ୍ଘନ ନେଇ କୌଣସି ପଦକ୍ଷେପ ନେଲେ ଇସ୍ରାଏଲ୍ ତାର ଜବାବ ଦେବାକୁ ବାଧ୍ୟ ହେବ ।

## ରୁଷ-ୟୁକ୍ରେନ୍

ଗୁଇନ୍ଦାଗିରି ଅଭିଯୋଗରେ ଜଣେ ବ୍ରିଟିଶ୍ କୂଟନୀତିଜ୍ଞଙ୍କୁ ରୁଷ ବହିଷ୍କାର କରିଛି । ରୁଷର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା

ସୂଚନା ଅନୁଯାୟୀ ସେହି ବ୍ରିଟିଶ୍ କୂଟନୀତିଜ୍ଞ ଗୁପ୍ତଚର କାର୍ଯ୍ୟ ଲକ୍ଷ୍ୟରେ ରୁଷରେ ପ୍ରବେଶ କରିବା ପାଇଁ ମିଥ୍ୟା ସୂଚନା ପ୍ରଦାନ କରିଥିଲେ । ଏଭଳି ତଥ୍ୟ ରୁଷୀୟ ଆଇନ୍‌ର ଉଲ୍ଲଙ୍ଘନ ବୋଲି ମନ୍ତ୍ରଣାଳୟ କହିଛି । ବୈଦେଶିକ ମନ୍ତ୍ରଣାଳୟ ସେହି କୂଟନୀତିଜ୍ଞଙ୍କ ମାନ୍ୟତା ପ୍ରତ୍ୟାହାର କରିବା ସହ ତାଙ୍କୁ ଦୁଇ ସପ୍ତାହ ମଧ୍ୟରେ ରୁଷିଆ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛି ।

ଅନ୍ୟ ପକ୍ଷରେ ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ ଜାରି ରହିଥିବା ନେଇ ବ୍ରିଟେନ୍ ଏବଂ ରୁଷ ମଧ୍ୟରେ ଦୂରତା ବୃଦ୍ଧି ପାଉଛି । ରୁଷ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଦ୍ୱାରା ଲଗାଯାଇଥିବା କଠୋର ପ୍ରତିବନ୍ଧକରେ ବ୍ରିଟେନ୍ ସାମିଲ ହୋଇଛି । ସୂଚନା ଯୋଗ୍ୟ ୨୦୨୨ରୁ ୟୁକ୍ରେନ୍‌କୁ ସାମରିକ ଏବଂ ଅର୍ଥନୈତିକ ସହାୟତା ପ୍ରଦାନ କରିବାକୁ ବ୍ରିଟେନ୍ ପ୍ରତିଶ୍ରୁତି ଦେଇଥିଲା ।

## ଟୁରିଜିମ୍ ମାର୍ଟ୍

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଆଜି ଆନ୍ତର୍ଜାତିକ ପର୍ଯ୍ୟଟନ୍ ମାର୍ଟ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେଉଛି । ଉତ୍ତର ପୂର୍ବାଞ୍ଚଳରେ ପର୍ଯ୍ୟଟନର ସମ୍ଭାବନାକୁ ଦୃଷ୍ଟିରେ ରଖି କାଜିରଙ୍ଗା ଜାତୀୟ ଉଦ୍ୟାନ ଏବଂ ବ୍ୟାଘ୍ର ଅଭୟାରଣ୍ୟରେ ଏହାର ଆୟୋଜନ କରାଯାଇଛି । ୮ଟି ଉତ୍ତରପୂର୍ବ ରାଜ୍ୟ ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ,

ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଏବଂ ସିକ୍କିମ୍‌ର ପର୍ଯ୍ୟଟନ ବ୍ୟବସାୟ ଓ ଉଦ୍ୟୋଗୀଙ୍କୁ ଏକାଠି କରି ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଦ୍ୱାଦଶ ସଂସ୍କରଣରେ ଆଜି ଉଦ୍‌ଘାଟନୀ ସମାରୋହରେ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ୍, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ପ୍ରମୁଖ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ଘରୋଇ ଏବଂ ଆନ୍ତର୍ଜତୀକ ଟୁର୍ ଅପରେଟର, ପର୍ଯ୍ୟଟନ ସେବା ପ୍ରଦାନକାରୀ ସଂସ୍ଥାର ପ୍ରତିନିଧି, ବରିଷ୍ଠ ସରକାରୀ ଅଧିକାରୀ, ଗଣମାଧ୍ୟମ ଓ ଆନ୍ତର୍ଜାତିକ ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରୁଛନ୍ତି ।

## ଏନ୍‌ଆଇଏ-ମଣିପୁର

ମଣିପୁରରେ ସମ୍ପ୍ରତି ସଂଘଟିତ ହିଂସାକାଣ୍ଡ ପରିପ୍ରେକ୍ଷୀରେ ରୁଜୁ ହୋଇଥିବା ତିନୋଟି ଗୁରୁତ୍ୱପୂର୍ଣ୍ଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ତଦନ୍ତ ଆରମ୍ଭ କରିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ମାମଲା ଗୁଡ଼ିକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେବା ପରେ ଏନ୍.ଆଇ.ଏ. ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଭାରତୀୟ ନ୍ୟାୟ ସଂହିତା, ଅସ୍ତ୍ରଶସ୍ତ୍ର ଆଇନ୍ ଏବଂ ବେଆଇନ୍ କାର୍ଯ୍ୟକଳାପ ନିବାରଣ

ଆଇନ୍‌ର ଧାରା ଅନୁଯାୟୀ ଗତ ୧୩ ତାରିଖରେ ମାମଲା ଗୁଡ଼ିକୁ ପୁନଃ ପଞ୍ଜିକୃତ କରାଯାଇଛି । ଏନ୍.ଆଇ.ଏ. ଗତ ୨୧ ଏବଂ ୨୨ ତାରିଖରେ କ୍ଷେତ୍ରୀୟ ପରିଦର୍ଶନ କରିଥିଲା । ଏହି ମାମଲା ଗୁଡ଼ିକର ନଥିପତ୍ର ସ୍ଥାନୀୟ ପୁଲିସ୍ ଏନ୍.ଆଇ.ଏ.କୁ ହସ୍ତାନ୍ତର କରିଛି ।

## ବଜରଙ୍ଗ ପୁନିଆ-ବ୍ୟାନ୍

ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା କୁସ୍ତି ଯୋଦ୍ଧା ବଜରଙ୍ଗ ପୁନିଆକୁ ଜାତୀୟ ଡୋପିଂ ନିରୋଧି ଏଜେନ୍ସି ନାଡା ୪ ବର୍ଷ ପାଇଁ ନିଲମ୍ବନ କରିଛି । ଜାତୀୟ ଦଳ ଚୟନ ପରୀକ୍ଷଣରେ ଗତ ମାର୍ଚ୍ଚ ୧୦ ତାରିଖରେ ଡୋପିଂ ପରୀକ୍ଷା ପାଇଁ ନମୁନା ଦେବାକୁ ମନା କରିବାରୁ ତାଙ୍କ ବିରୁଦ୍ଧରେ ଏଭଳି ପଦକ୍ଷେପ ନିଆଯାଇଛି । ଏପ୍ରିଲ୍ ୨୩ ତାରିଖରେ ପ୍ରଥମେ ବଜରଙ୍ଗଙ୍କୁ ଅସ୍ଥାୟୀ ଭାବେ ନିଲମ୍ବନ କରାଯାଇଥିଲା । ଏହାପରେ ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ ସଂସ୍ଥା ମଧ୍ୟ ପୁନିଆଙ୍କୁ ନିଲମ୍ବନ ଘୋଷଣା କରିଥିଲା । ଏହି ଅସ୍ଥାୟୀ ନିଷେଧାଦେଶ ବିରୋଧରେ ବଜରଙ୍ଗଙ୍କ ଆବେଦନ ବିଚାରକୁ ନେଇ ନାଡାର ଆଣ୍ଟି ଡିସିପ୍ଲିନାରୀ ଡୋପିଂ ପ୍ୟାନେଲ୍ ମେ ୩୧ ତାରିଖ ପର୍ଯ୍ୟନ୍ତ ଏହି ନିଷେଧାଦେଶକୁ ପ୍ରତ୍ୟାହାର କରିନେଇଥିଲା । ତେବେ ଏହା ଉପରେ ଗତ ସେପ୍ଟେମ୍ବର ୨୦ ଏବଂ ଅକ୍ଟୋବର ୪ ତାରିଖରେ ଚୂଡ଼ାନ୍ତ ଶୁଣାଣି ହୋଇଥିଲା ।

ଶୁଣାଣିରେ ନାଡା ପୁନିଆଙ୍କୁ ୪ ବର୍ଷ ପାଇଁ ବାସନ୍ଦ କରିବା ସହ ପ୍ରତିଯୋଗିତା ମୂଳକ କୁସ୍ତିକୁ ଫେରିବା ଉପରେ ପ୍ରତିବନ୍ଧକ ଲଗାଇଛି । ତେବେ ଅନ୍ୟ କୁସ୍ତିଯୋଦ୍ଧାଙ୍କୁ ସେ ଏହି ସମୟ ମଧ୍ୟରେ ପ୍ରଶିକ୍ଷଣ ପ୍ରଦାନ କରିପାରିବେ ବୋଲି ନାଡା ସ୍ପଷ୍ଟ କରିଛି ।

## ଚେସ୍

ଇଟାଲୀର ମଣ୍ଟେସିଲ୍‌ଭାନୋ ଠାରେ ଚାଲିଥିବା ୮ ବର୍ଷରୁ କମ୍ ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନ୍‌ସିପ୍‌ରେ ଭାରତର ଦିବିଥ୍ ରେଡ୍ଡୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ସାତ୍ୱିକ ରୌପ୍ୟ ପଦକ ଏବଂ ଚୀନ୍‌ର ଜିମିଙ୍ଗ୍ ଗୁଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।